

## ୨୩.୫ ବୈଷ୍ଣବ ଶିକ୍ଷକ

ହିନ୍ଦୁ ଧର୍ମରେ ଅନେକ ସଂସ୍କାର ମୂଳକ ଆନ୍ଦୋଳନ ଆସିଅଛି । ମଧ୍ୟଯୁଗ ସଂସ୍କୃତିରେ ବୈଷ୍ଣବ ଶିକ୍ଷକମାନଙ୍କର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅବଦାନ ଥିଲା । ସେମାନେ ଲୋକଙ୍କ ହିତପାଇଁ ଆଞ୍ଚଳିକ ଭାଷାରେ ବିଚାରଧାରାର ପ୍ରଚାର କଲେ । ସେମାନେ ଜାତିର ଭେଦଭାବକୁ ପସନ୍ଦ କରୁନଥିଲେ । ଏପରିକି ନୀଚ ଜାତିର ଲୋକଙ୍କୁ ମଧ୍ୟ ସେମାନଙ୍କ ସଂଗଠନରେ ସଭ୍ୟ ହିସାବରେ ରଖିଥିଲେ । ସେମାନେ ବିଭିନ୍ନ ରୀତିନୀତି ଓ ବିଧିବିଧାନକୁ ପସନ୍ଦ କରୁନଥିଲେ ଏବଂ ନୈତିକତା ଓ ପବିତ୍ରତା ଉପରେ ଜୋର୍ ଦେଉଥିଲେ । ସେମାନଙ୍କ ମଧ୍ୟରୁ ରାମାନନ୍ଦ ଓ ଶ୍ରୀ ଚୈତନ୍ୟଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ମୂର୍ତ୍ତି ପୂଜାକୁ ବିରୋଧ କରୁଥିଲେ । ରାମାନନ୍ଦଙ୍କ ଶିଷ୍ୟମାନେ ବିଭିନ୍ନ ଜାତି ଓ ଶ୍ରେଣୀର ଥିଲେ ।


ସେମାନଙ୍କ ମଧ୍ୟରୁ କବୀର ବୋଲି ଜଣେ ମୁସଲମାନ୍ ବୁଣାକାର ରାମାନନ୍ଦଙ୍କର ଶିଷ୍ୟ ଥିଲେ । ଦାଦୁ ଜଣେ ଧୋବା ଥିବାବେଳେ ରବି ଦାସ ଜଣେ ଚମଡା କାରିଗର ଥିଲେ । ସେମାନଙ୍କ ଶିଷ୍ୟମାନେ ମଧ୍ୟ ବିଭିନ୍ନ ଶ୍ରେଣୀର ଓ ଜାତିର ଥିଲେ । ଉଦାହରଣ ସ୍ୱରୂପ କବୀରଙ୍କ ଜଣେ ଶିଷ୍ୟ ଧର୍ମଦାସ, ଜାତିରେ ବଣିକ ଥିଲେ । ଏଣୁ ତାଙ୍କ ଅନୁସରଣକାରୀମାନେ କେବଳ ଯେ ବିଭିନ୍ନ ଶ୍ରେଣୀର ବା ଜାତିର ନଥିଲେ ସେମାନେ ମଧ୍ୟ ବିଭିନ୍ନ ଧର୍ମର ଥିଲେ । ଏଥିଯୋଗୁଁ ସମାଜରେ ଲୋକଙ୍କ ମଧ୍ୟରେ ସମାନତା ସୃଷ୍ଟି ହୋଇଥିଲା, କିନ୍ତୁ ଏହା ସମାଜର କେବଳ ଅଳ୍ପ କେତେକ ଅଞ୍ଚଳକୁ ବ୍ୟାପିଥିଲା । ଏହା ହୋଇନଥିଲେ ହିନ୍ଦୁ ଓ ମୁସଲମାନ ସେମାନଙ୍କ ଦୂରତାକୁ (Seclusion) ବଜାୟ ରଖିଥାଆନ୍ତେ ।

## ୨୩.୬ ଶିଖ ଧର୍ମ (Sikhism)

ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକଙ୍କ (୧୪୬୯-୧୫୩୯) ଚିନ୍ତାଧାରାରେ ମଧ୍ୟ ଏକକ ଈଶ୍ୱର ଭାବନା ଥିଲା । ନାନକ ନାମ ବିହୀନ ଏକ ପ୍ରକୃତ ଈଶ୍ୱରଙ୍କ ଉପରେ ବିଶ୍ୱାସ କରୁଥିଲେ । ତାଙ୍କର ଦୃଢ ବିଶ୍ୱାସ ଓ ଧାରଣା ଯେ ଭଗବାନ ଓ ଭକ୍ତଙ୍କ ମଧ୍ୟରେ କୌଣସି ପ୍ରତିନିଧି ବା ମଧ୍ୟସ୍ଥି ନାହାନ୍ତି । ସେ ଧର୍ମର ବିଭିନ୍ନ ରୀତିନୀତି, ବିଧିବିଧାନକୁ ପସନ୍ଦ କରୁନଥିଲେ । ତାଙ୍କ ମତରେ କେହି ଧର୍ମ ପ୍ରବର୍ତ୍ତକ ବା ଧର୍ମଦୂତ ନୁହେଁ । କିନ୍ତୁ ଜଣେ ସୃଷ୍ଟିକର୍ତ୍ତାଙ୍କ ଉପରେ ତାଙ୍କର ଦୃଢ ବିଶ୍ୱାସ ଥିଲା ଯାହାକି ବର୍ଣ୍ଣନା କରାଯାଇନପାରେ । ଭଗବାନଙ୍କୁ ଧ୍ୟାନ ଦ୍ୱାରା ଜାଣିହେବ ନାହିଁ ବରଂ ବିଶ୍ୱାସ ଏବଂ ପ୍ରେମ ଦ୍ୱାରା ଜାଣିହେବ । ଏଠାରେ ଆମେ ତାଙ୍କର ବିଚାରଧାରାରେ ଭକ୍ତିବାଦର ପ୍ରଭାବକୁ ଦେଖିଥାଉଁ ।

## ୨୩.୭ ଊନବିଂଶ ଶତାବ୍ଦୀର ଭାବଧାରା

ଅଷ୍ଟାଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଜଗତର ଚିନ୍ତାଧାରାର ପ୍ରଭାବ ଭାରତରେ ଅନୁଭୂତ ହୋଇଥିଲା ଯାହାକି ଊନବିଂଶ ଶତାବ୍ଦୀରେ କେତେକ ଧାର୍ମିକ ସଂସ୍କାର ଆଣିଥିଲା । ଯାହା ଫଳରେ ବ୍ରାହ୍ମ



ସମାଜ, ଆର୍ଯ୍ୟ ସମାଜ ଏବଂ ଧର୍ମତତ୍ତ୍ୱ/ ବ୍ରହ୍ମତତ୍ତ୍ୱ ସମାଜ (Theosophical society)ଗୁଡ଼ିକ ପ୍ରତିଷ୍ଠା ଲାଭ କଲା । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ରାମକୃଷ୍ଣ ପରମହଂସ ହିନ୍ଦୁଧର୍ମକୁ ଗୋଟିଏ ନୂତନ ଦିଗକୁ ଆଗେଇ ନେଲେ ଏବଂ ତାଙ୍କର ଶିଷ୍ୟ ସ୍ୱାମୀ ବିବେକାନନ୍ଦ ବେଦାନ୍ତ ଦର୍ଶନ ଶାସ୍ତ୍ରକୁ ବିକଶିତ କରାଇପାରିଥିଲେ । ଏହାର ପର ଅଧ୍ୟାୟରେ ଆମେ ତାଙ୍କର ଅବଦାନ ସମ୍ବନ୍ଧରେ ଆଲୋଚନା କରିବା ।

### ପାଠଗତ ପ୍ରଶ୍ନ ୨୩.୪

ନିମ୍ନୋକ୍ତ ବାକ୍ୟଗୁଡ଼ିକ ଠିକ୍ ବା ଭୁଲ ଥିଲେ ଲେଖ ।

(୧) ବୈଷ୍ଣବ ଶିକ୍ଷକମାନେ ଜାତିର ପ୍ରଭେଦକୁ ଅଣଦେଖା କରୁଥିଲେ ।

(୨) ରାମାନନ୍ଦଙ୍କ ଶିଷ୍ୟମାନେ କେବଳ ଉଚ୍ଚ ଜାତିର ଥିଲେ ।

(୩) ଦାଦୁ ଏକ ଯାଜକ ବା ପୁରୋହିତ ଜାତିରୁ ଆସିଥିଲେ ।

(୪) ଗୁରୁନାନକ ହେଉଛନ୍ତି ଗୋଟିଏ ଧର୍ମର ପ୍ରତିଷ୍ଠାତା ଯାହାକୁ ଶିଖ ଧର୍ମ କୁହାଯାଏ ।

(୫) ଧର୍ମଦାସ ରାମକୃଷ୍ଣ ପରମହଂସଙ୍କର ଜଣେ ଶିଷ୍ୟ ଥିଲେ ।

## ୨୩.୮ ଗୌତମ ବୁଦ୍ଧ Gautam Buddha

ବୁଦ୍ଧ ଶବ୍ଦର ଅର୍ଥ ଜ୍ଞାନର ଆଲୋକପ୍ରାପ୍ତି ବା ଜ୍ଞାନୋଦୟ (Enlightenment) ଅର୍ଥାତ୍ ଜୀବନରେ ଜ୍ଞାନର ସନ୍ଧାନ ପ୍ରାପ୍ତି । ବୌଦ୍ଧଧର୍ମ ସିଦ୍ଧାନ୍ତ ଗୌତମଙ୍କ ଶିକ୍ଷାଦାନରୁ ଆସିଅଛି ଯେ କି ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ନେପାଳର ଦକ୍ଷିଣାଞ୍ଚଳର ଏକ ଛୋଟ ରାଜ୍ୟର ଜଣେ ହିନ୍ଦୁ ରାଜକୁମାର ଥିଲେ । ବୌଦ୍ଧ ଧର୍ମର ମୁଖ୍ୟ ସିଦ୍ଧାନ୍ତ ହେଲା ନିର୍ବାଣ (Salvation) ଅର୍ଥାତ୍ ଜୀବନର ଜଞ୍ଜାଳ ଚକ୍ରରୁ ମୁକ୍ତି ଏହା ଏକ ନିର୍ଦ୍ଦିଷ୍ଟ ଜୀବନଶୈଳୀରୁ ପ୍ରାପ୍ତ ହୁଏ । ବୌଦ୍ଧଧର୍ମ ନିମ୍ନଲିଖିତ ଚାରୋଟି ମହତ୍ ସତ୍ୟକୁ (Noble Truths) ଲୋକଲୋଚନକୁ ଆଣିଥିଲା ଯାହାକି ଆର୍ଯ୍ୟ ସତ୍ୟ ନାମରେ ପ୍ରସିଦ୍ଧ ।

- ଏ ସଂସାରରେ ମଣିଷର ଜୀବନ ଦୁଃଖପୂର୍ଣ୍ଣ ଏବଂ ସେଗୁଡ଼ିକର କାରଣ ହେଲା ଜରା, ବ୍ୟାଧି ଓ ମୃତ୍ୟୁ ।
- ସକଳ ଦୁଃଖର କାରଣ ହେଉଛି କାମନା
- କାମନାର ବିନାଶ ହେଲେ ଦୁଃଖର ବିନାଶ ହେବ ।
- ଶୁଦ୍ଧପୂତ ଓ ନୀତିମୟ ଜୀବନ ଯାପନ କଲେ କାମନାର ବିନାଶ ଘଟି ମଣିଷ ମୋକ୍ଷ ବା ନିର୍ବାଣ ପ୍ରାପ୍ତି ଲାଭ କରି ମନୁଷ୍ୟ ପୁର୍ନଜନ୍ମରୁ ମୁକ୍ତି ପାଇବ ।



ନିର୍ବାଣ ପ୍ରାପ୍ତି ପାଇଁ ଆଠଟି ମାର୍ଗର ଆଶ୍ରୟ ନେବାକୁ ଗୌତମ ବୁଦ୍ଧ ନିର୍ଦ୍ଦେଶ ଦେଇ ଯାଇଛନ୍ତି ଯାହାକି ଆର୍ଯ୍ୟଅଷ୍ଟାଙ୍ଗ ମାର୍ଗରେ ନାମରେ ଖ୍ୟାତ । ଏହି ଅଷ୍ଟାଙ୍ଗ ମାର୍ଗଗୁଡ଼ିକ ହେଉଛି- (୧) ସତ୍‌ବିଶ୍ୱାସ (୨) ସତ୍‌ଚିନ୍ତା (୩) ସତ୍‌କାର୍ଯ୍ୟ (୪) ସତ୍‌ବାକ୍ୟ (୫) ସତ୍‌ଆଚାର (୬) ସତ୍‌ଉଦ୍ୟମ (୭) ସତ୍‌ଜୀବିକା, (୮) ସତ୍‌ସଂକଳ୍ପ । ଗୌତମ ବୁଦ୍ଧ ପୁର୍ନଜନ୍ମ ଓ କର୍ମଫଳ ଉପରେ ବିଶ୍ୱାସ କରୁଥିଲେ । ସେ କହୁଥିଲେ ସଂସାରରେ ମରଶରୀର ଧରି ଜନ୍ମହେବା ସବୁଠାରୁ ଦୁଃଖପୂର୍ଣ୍ଣ । କାମନାରୁ ନିବୃତ୍ତ ନହେଲେ ମଣିଷ ବାରମ୍ବାର ଜନ୍ମଲାଭ କରି ବିଭିନ୍ନ ପ୍ରକାର ଦୁଃଖ ଯନ୍ତ୍ରଣା ଭୋଗ କରିଥାଏ । କର୍ମଫଳ ଓ ପୁର୍ନଜନ୍ମ ଉପରେ ଗୁରୁତ୍ୱ ଆରୋପ କରି ସେ କହିଥିଲେ "ମଣିଷର ପରବର୍ତ୍ତୀ ଜନ୍ମ ନିଜର କର୍ମଫଳ ଉପରେ ନିର୍ଭର କରେ ।" ଈଶ୍ୱରଙ୍କ ନିକଟରେ ପଶୁବଳୀ ବା ଅନ୍ୟ କିଛି ଉପହାର ଦେଲେ ପାପ କ୍ଷୟ ହୁଏ ନାହିଁ । ତୁମ ପାଇଁ କୌଣସି ପୁରୋହିତର ପ୍ରାର୍ଥନା ବା ନିଜର ପ୍ରାର୍ଥନା ମଧ୍ୟ କୌଣସି ମଙ୍ଗଳ ସାଧନ କରିପାରେ ନାହିଁ । ମଣଷ ଯେପରି ବୁଣିବ ସେହିପରି ଫଳ ଅମଳ କରିବ । ପୁର୍ନଜନ୍ମରୁ ମୁକ୍ତ ହୋଇ ମୋକ୍ଷ ଲାଭକୁ ଗୌତମ ବୁଦ୍ଧ ନିର୍ବାଣ ବୋଲି କହିଥାନ୍ତି । ଏହା ପରମ ସୁଖକର ଅଟେ । ଏହାର ପ୍ରାପ୍ତି ପାଇଁ ଚାରୋଟି ନୀତି ଅବଲମ୍ବନ କରିବା ନିମନ୍ତେ ସେ ଉପଦେଶ ଦେଇଥିଲେ । ଏହା ଚତୁରାନୁଶାସନ ବୋଲି କଥିତ । ସେଗୁଡିକ ହେଲା- (କ) ଜୀବହତ୍ୟା କରିବ ନାହିଁ (ଖ) ବ୍ୟଭିଚାର କରିବ ନାହିଁ (ଗ) ଚୋରି କରିବ ନାହିଁ (ଘ) ନିଜଠାରେ ଦୈବଶକ୍ତି ଆରୋପ କରିବ ନାହିଁ । ଯଦି କୌଣସି ବ୍ୟକ୍ତି ନିର୍ବାଣ ଲାଭ କରିବାକୁ ଆଗ୍ରହୀ ହୋଇ ବୌଦ୍ଧଧର୍ମ ଗ୍ରହଣ କଲେ ତାହାକୁ ତିନୋଟି ମନ୍ତ୍ର ଗ୍ରହଣ କରିବାକୁ ପଡେ । ତାହାହେଲା- "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।"

ବୌଦ୍ଧଧର୍ମରେ ମଧ୍ୟ ଦୁଇ ପ୍ରକାର ଗୋଷ୍ଠି ଦେଖାଯାଇଥାନ୍ତି । ଯଥା ହୀନଯାନ ଓ ମହାଯାନ । ଯେଉଁମାନେ ଗୌତମ ବୁଦ୍ଧଙ୍କୁ ଈଶ୍ୱର ପରିବର୍ତ୍ତେ ମହାମାନବ ଭାବେ ଗ୍ରହଣ କରନ୍ତି ଓ ନିର୍ବାଣକୁ ଜୀବନର ଅନ୍ତିମ ଲକ୍ଷ୍ୟ ବୋଲି ଗ୍ରହଣ କରୁଥିଲେ ସେମାନେ ହୀନଯାନ ନାମରେ ପରିଚିତ । ଅପରପକ୍ଷେ; ଯେଉଁମାନେ ବୁଦ୍ଧଙ୍କୁ ଈଶ୍ୱର ରୂପେ ଗ୍ରହଣ କରି ନିର୍ବାଣ ପ୍ରତି କୌଣସି ଗୁରୁତ୍ୱ ନଦେଇ ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ ପାଳନ କରନ୍ତି, ସେମାନଙ୍କୁ ମହାଯାନ କୁହାଯାଏ ।

## ୨୩.୯ କବୀର; ଭକ୍ତି ଆନ୍ଦୋଳନର ଜଣେ ମହାନ୍ ସନ୍ଥ

କବୀର, ପଞ୍ଚଦଶ ଶତାବ୍ଦୀର ଜଣେ ମହାନ୍ ସନ୍ଥ ଥିଲେ । ଉଭୟ ହିନ୍ଦୁ ଓ ମୁସଲମାନ, ତାଙ୍କୁ ସମ୍ମାନ ଦେଖାଉଥିଲେ । ଯଦିଓ ତାଙ୍କ ଜନ୍ମ ତଥା ବାଲ୍ୟ ଜୀବନ ଉପରେ ବିଶେଷ ତଥ୍ୟ ନାହିଁ । ବୋଧହୁଏ ସେ ଗୋଟିଏ ମୁସଲମାନ ବୁଣାକାର ଘରେ ଜନ୍ମ ହୋଇଥିଲେ । ତାଙ୍କର ନୀତିବାଣୀ ବା ଉପଦେଶଗୁଡିକ ଗୋଟିଏ ପୁସ୍ତକରେ ଲିପିବଦ୍ଧ ହୋଇଅଛି ଯାହାକୁ ବୀଜକ (Veijak) କୁହାଯାଏ । ସେଥିରୁ କେତେକ ତାଙ୍କର ନୀତିବାଣୀ ଗୁରୁଗ୍ରନ୍ଥ ସାହେବରେ ମଧ୍ୟ ଦେଖାଯାଏ ଯାହାକି ୧୬୦୪ ମସିହାରେ ଗୁରୁ ଅର୍ଜୁନ ତାଙ୍କ ପୁସ୍ତକରେ ଦର୍ଶାଇଥିଲେ ।



କବୀରଙ୍କ ନୀତିବାଣୀ ଥିଲା ଅତ୍ୟନ୍ତ ସରଳ। ତାଙ୍କ ମତରେ ଉଭୟ ହିନ୍ଦୁ ଓ ମୁସଲମାନ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ ଓ ଉଭୟେ ଭାଇ ଭାଇ। ତେଣୁ ସେ କହୁଥିଲେ ହିନ୍ଦୁ ଓ ମୁସଲମାନ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମଣିଷ-ମଣିଷ, ଜାତି-ଜାତି, ଉଚ୍ଚନୀଚ ଓ ଧନୀ-ଦରିଦ୍ର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସେ ଏକ ଈଶ୍ୱରଙ୍କୁ ଉପାସନା କରିବା ପାଇଁ ପ୍ରଚାର କରୁଥିଲେ। ସେ କହୁଥିଲେ ରାମ ଓ ଆଲ୍ଲା ଏକ ଓ ଅଭିନ୍ନ ଏବଂ ସେ ହେଉଛନ୍ତି ନିରାକାର । କବୀରଙ୍କର ଈଶ୍ୱରଙ୍କ ଅବତାରବାଦରେ ବିଶ୍ୱାସ ନଥିଲା। ତାଙ୍କ ମତରେ ଈଶ୍ୱରଙ୍କୁ ପାଇବାକୁ ହେଲେ ତାଙ୍କ ପ୍ରତି ଭକ୍ତି ଓ ମଣଷ ପ୍ରତି ପ୍ରେମ ହେଉଛି ଉତ୍କୃଷ୍ଟ ମାର୍ଗ । ଚିତ୍ତଶୁଦ୍ଧି ବେଦ କିମ୍ବା କୋରାନ୍ ପାଠ କଲେ ମିଳେ ନାହିଁ । ବରଂ ଭଜନ କରି ଈଶ୍ୱରଙ୍କ ଗୁଣ କିର୍ତ୍ତନ କର। ଏହା ସହିତ ଅହଂକାର, କ୍ରୋଧ, ଲୋଭ, ଗର୍ବ, ଅସାଧୁତା, ନୀଚତା, ଆଳସ୍ୟ ଦୂର କରିବାକୁ ପଡିବ। ଏ ପ୍ରସଙ୍ଗରେ ସେ କହିଛନ୍ତି "ପ୍ରସ୍ତର ପୂଜା କରି ବା ଗଙ୍ଗା ନଦୀରେ ସ୍ନାନ କରିବାରେ କି ମୂଲ୍ୟ ଯଦି ତୁମ ହୃଦୟ ପବିତ୍ର ନୁହେଁ। ମକ୍କା ମଦିନା ଯିବା ଆବଶ୍ୟକ କ'ଣ ଯଦି ତୁମେ ଛଳନାପ୍ରଦ ହୃଦୟରେ ସେଠାକୁ ଯାଅ। ତାଙ୍କ ମତରେ ଜଣେ ଈଶ୍ୱରଙ୍କୁ ଧର୍ମସ୍ଥାନ, ପ୍ରତିମା କିମ୍ବା କୌଣସି ଧର୍ମଗ୍ରନ୍ଥରେ ପାଇପାରିବ ନାହିଁ। ହରି ଓ ଆଲ୍ଲା ମଣିଷର ହୃଦୟରେ ଅବସ୍ଥାନ କରିଛନ୍ତି।

୧୫୧୦ ମସିହାରେ ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାର ମୋଘର ଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହି ସମୟରେ ଏକ ଅଲୌକିକ ଘଟଣା ଘଟିଥିଲା। ମୃତ୍ୟୁପରେ ଉଭୟ ହିନ୍ଦୁ ଓ ମୁସଲମାନ ତାଙ୍କ ଶବ ସତ୍କାର ପାଇଁ ଦାବି କରିଥିଲେ। ମୁସଲମାନମାନେ କବର ଦେବା ପାଇଁ ଓ ହିନ୍ଦୁମାନେ ଶବକୁ ଦାହ କରିବା ପାଇଁ ସେମାନଙ୍କ ମଧ୍ୟରେ କଳହ ସୃଷ୍ଟି ହେଲା। ଏହି ସମୟରେ କେହି ଜଣେ ତାଙ୍କ ଉପରେ ଆବୃତ ବସ୍ତ୍ରଟିକୁ ଟେକିଦେବା ପରେ ଦେଖାଗଲା ଯେ ସେଠାରେ କବୀରଙ୍କ ମରଶରୀର ନଥିଲା। କେବଳ ମାତ୍ର ଫୁଲ ଗଦାଟିଏ ପଡି ରହିଥିଲା। ଏହାର ମର୍ମ ଉପଲବ୍ଧି କରି ଉଭୟ ହିନ୍ଦୁ ଓ ମୁସଲମାନ ସେଥିରୁ ଅଧେ ଅଧେ ବାଣ୍ଟିନେଲେ । ହିନ୍ଦୁମାନେ ସେହି ଫୁଲକୁ ବାରଣାସୀରେ ଦାହ କରିଥିବା ବେଳେ ମୁସଲମାନମାନେ ଗୋରଖପୁର ମୋଘର ଠାରେ କବର ଦେଇଥିଲେ।

କବୀର କୌଣସି ଏକ ବ୍ୟକ୍ତିଗତ ଭଗବାନ ଉପରେ ଆଲୋଚନା କରିନାହାନ୍ତି । ସେ କହୁଥିଲେ ତୁମେ ତାଙ୍କୁ ରାମ କିମ୍ବା ଖୁଦା କହିପାର। କବୀର ଜଣେ ସଦ୍‌ଗୁରୁ ଉପରେ ବିଶେଷ ପ୍ରାଧାନ୍ୟ ଦେଇଥିଲେ ଯେ କି ଜଣେ ଗୁରୁ ଯାହାଙ୍କର ଆତ୍ମାରୁ କଥା ବାହାରିଥାଏ। ବିଭିନ୍ନ ନାମ ଯୋଗୁଁ ଲୋକଙ୍କ ମଧ୍ୟରେ ବିଶ୍ୱାସର ମତାନ୍ତର ରହୁଛି କିନ୍ତୁ ସବୁ ଜାଗାରେ ସେହି ଭଗବାନ ବିଦ୍ୟମାନ। ଏଣୁ ଲୋକଙ୍କ ମଧ୍ୟରେ, ଓ ଧର୍ମ ଧର୍ମ ମଧ୍ୟରେ କାହିଁକି କଳହ ରହୁଛି ବୋଲି କବୀର ପ୍ରଶ୍ନ କରିଛନ୍ତି।



## ପାଠଗତ ପ୍ରଶ୍ନ

ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(୧) ବୁଦ୍ଧ ଶବ୍ଦର ଅର୍ଥ କ'ଣ ?

(୨) କେଉଁ ଧର୍ମାବତାରଙ୍କନୀତି ବା ଶିକ୍ଷା ବୌଦ୍ଧ ଧର୍ମ ସାଙ୍ଗେ ସମାନ ?

(୩) ବୌଦ୍ଧ ଧର୍ମାବଲମ୍ବୀମାନେ କେଉଁ ଆଠ ପ୍ରକାର ପଥକୁ ଅନୁସରଣ କରିଥାନ୍ତି ?

(୪) କବୀର କେଉଁ ଶତାବ୍ଦୀର ଜଣେ ଧର୍ମପୁରୁଷ ?

(୫) କବୀରଙ୍କ ଗୁରୁଙ୍କ ନାମ କ'ଣ ?

(୬) ଗୁରୁଗ୍ରନ୍ଥ ସାହିବ କେବେ ରଚିତ ହୋଇଥିଲା ?

(୭) ଗୁରୁଗ୍ରନ୍ଥ ସାହିବ କିଏ ସଂକଳନ କରିଥିଲେ ?

(୮) କେଉଁ ସହରରେ କବୀର ଦେହତ୍ୟାଗ କରିଥିଲେ ?

## ୨୩.୧୦ ସ୍ୱାମୀ ବିବେକାନନ୍ଦ

୧୮୬୩ ମସିହା ଜାନୁଆରୀ ୧୨ ତାରିଖ ଦିନ ବଙ୍ଗଳାର ଏକ କାୟସ୍ଥ ପରିବାରରେ ସ୍ୱାମୀ ବିବେକାନନ୍ଦ ନରେନ୍ଦ୍ରନାଥ ଦତ୍ତ ନାମରେ ଜନ୍ମଗ୍ରହଣ କରିଥିଲେ । ପିଲାକାଳରେ ନରେନ୍ଦ୍ରନାଥ କୌଣସି ବସ୍ତୁକୁ ବିନା ପ୍ରମାଣରେ ବିଶ୍ୱାସ କରୁନଥିଲେ । ପିଲାଦିନେ ସେ ବ୍ରାହ୍ମ ସମାଜର (The Society of God) ଜଣେ ସଦସ୍ୟ ଶ୍ରୀଯୁକ୍ତ କେଶବଚନ୍ଦ୍ର ସେନ୍‌ଙ୍କ ସଂସ୍ପର୍ଶରେ ଆସିଲେ ଏବଂ ତାଙ୍କ ଚିନ୍ତାଧାରା ଓ ଭାବନାରେ ବିଶେଷ ଭାବରେ ଅନୁପ୍ରାଣିତ ହେଲେ । ନରେନ୍ଦ୍ରନାଥ ବ୍ରାହ୍ମ ସମାଜର ସାମାଜିକ ସଂସ୍କାର ଯୋଜନାକୁ ବେଶ୍ ସମର୍ଥନ କଲେ, କିନ୍ତୁ ସେମାନଙ୍କ ତପସ୍ୱୀ ଅଥବା ସନ୍ନ୍ୟାସୀ ଜୀବନର ବାରଣକୁ ସେ ଗ୍ରହଣ କରିନଥିଲେ । ୧୮୮୧ ମସିହା ନଭେମ୍ବର ମାସରେ ବ୍ରାହ୍ମ ସମାଜର ଜଣେ ସଭ୍ୟ ଏବଂ "ମା କାଳୀ"ଙ୍କର ପରମଭକ୍ତ ରାମକୃଷ୍ଣ ପରମହଂସଙ୍କ ସଙ୍ଗେ ଦକ୍ଷିଣେଶ୍ୱର ଠାରେ ନରେନ୍ଦ୍ରନାଥଙ୍କ ସାକ୍ଷାତ ହେଲା । ଏହାପରେ ଦୁହିଁଙ୍କ ମଧ୍ୟରେ ଅନେକଥର ସାକ୍ଷାତକାର ହୋଇଛି । ମହାନ ମୁନିଋଷିଙ୍କ ଆଧାତ୍ମିକ ଚିନ୍ତାଧାରା ବା ଅଭିଜ୍ଞତା ଉପରେ ଆଲୋଚନା ମଧ୍ୟ ହୋଇଛି । ଏହିପରି ଭାବରେ ଦିନେ ରାମକୃଷ୍ଣଙ୍କ ସ୍ପର୍ଶ ନରେନ୍ଦ୍ରନାଥଙ୍କ ହୃଦୟକୁ ଆଧାତ୍ମିକତାର ଆଭାସ ଦେଲା । ପରିଶେଷରେ ୧୮୮୫ ମସିହାରେ ନରେନ୍ଦ୍ରନାଥ ରାମକୃଷ୍ଣଙ୍କୁ ତାଙ୍କର ଗୁରୁ ଭାବେ ଗ୍ରହଣ କଲେ ଏବଂ ୧୮୮୬ ମସିହା ଅପ୍ରେଲ ମାସ (ରାମକୃଷ୍ଣଙ୍କ ଦେହତ୍ୟାଗ) ପର୍ଯ୍ୟନ୍ତ ନିଜ ଜୀବନକୁ ଧାର୍ମିକ ଭାବନାରେ ମିଶାଇ ଦେଇଥିଲେ ।



ନରେନ୍ଦ୍ରନାଥ ତାଙ୍କ ଧାର୍ମିକ ଜୀବନ କାଳ ମଧ୍ୟରେ ରାମକୃଷ୍ଣଙ୍କ ନୀତିବାଣୀକୁ ବେଦାନ୍ତ ଦର୍ଶନ ଶାସ୍ତ୍ର ସହିତ ମିଶାଇ ଏକ ଆଦର୍ଶମୂଳକ ପରିଚୟ ସୃଷ୍ଟି କରିପାରିଥିଲେ । ନରେନ୍ଦ୍ରନାଥ ତାଙ୍କ ଲେଖନୀରେ ଗୌତମ ବୁଦ୍ଧ ଏବଂ ଆଧୁନିକ ପଥ ପ୍ରଦର୍ଶକ ବା ପ୍ରବର୍ତ୍ତକଙ୍କ ବିଚାରଧାରାକୁ ସାମାଜିକ ଆଲୋଚନା ପରିସରଭୁକ୍ତ କରିପାରିଥିଲେ । ତାଙ୍କ ଜୀବନର ସବୁଠୁ ମୂଲ୍ୟବାନ ସମୟ ଆସିଥିଲା ଯେତେବେଳେ ସେ ୧୮୯୩ ମସିହାରେ ଚିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧାର୍ମିକ ସମ୍ମିଳନୀରେ ହିନ୍ଦୁଧର୍ମ ସମ୍ପର୍କରେ ତାଙ୍କର ବକ୍ତବ୍ୟ ରଖିଥିଲେ । ସେ ହିନ୍ଦୁଧର୍ମର ପ୍ରଚାର ଓ ପ୍ରସାର ପାଇଁ ପାଶ୍ଚାତ୍ୟ ଜଗତର ସାହାଯ୍ୟ ଲୋଡିଥିଲେ । ତାଙ୍କ ବକ୍ତବ୍ୟରେ କହିଥିଲେ ସବୁ ଧର୍ମ ସମାନ ଓ ସବୁ ଧର୍ମରେ ବିଶ୍ୱାସ ଜନିତ ସତ୍ୟତା ରହିଛି । ସେଠାରେ ସେ ଘୋଷଣା କରିଥିଲେ ଯେ ସବୁ ଧର୍ମର ମା ହେଉଛି "ହିନ୍ଦୁ ଧର୍ମ" (Mother of all religions) । ସ୍ୱାମୀ ବିବେକାନନ୍ଦ ହିନ୍ଦୁଧର୍ମକୁ ଭିତ୍ତିକରି ପୃଥିବୀ ସାରା ଏକ ଧାର୍ମିକ ଆନ୍ଦୋଳନ ସୃଷ୍ଟି କରିପାରିଥିଲେ । ଏଣୁ ଏହାକୁ ଆଖି ଆଗରେ ରଖି ସେ ତାଙ୍କର ପାଶ୍ଚାତ୍ୟ ଶିଷ୍ୟମାନଙ୍କର ସହାୟତାରେ ୧୮୯୫ ମସିହାରେ ନିଉୟର୍କଠାରେ ବେଦାନ୍ତ ସମାଜ (Vedanta Society) ପ୍ରତିଷ୍ଠା କରିଥିଲେ ଏବଂ ପରେ ଏହାର ଶାଖା କେନ୍ଦ୍ରଗୁଡିକ ଲଣ୍ଡନ ଓ ବୋଷ୍ଟନ ଠାରେ ଖୋଲା ଯାଇଥିଲା । ବିଦେଶରେ ଚାରିବର୍ଷ ରହିବା ପରେ ବିବେକାନନ୍ଦ ୧୮୯୭ ମସିହାରେ ଭାରତକୁ ଫେରି ଆସିଥିଲେ । ତା'ପରେ ୧୮୯୭ ମସିହା ମେ ମାସର ପହିଲା (୧) ଦିନ ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କଲେ ଯାହାର ଏବେ ହଜାର ହଜାର କେନ୍ଦ୍ର ପୃଥିବୀ ସାରା ଦେଖାଯାଏ ।

ବିବେକାନନ୍ଦ ବାଲ୍ୟବିବାହ, ନୀଚଜାତି ଉପରେ ଅତ୍ୟାଚାର ଏବଂ ନାରୀ ନିର୍ଯାତନା ଇତ୍ୟାଦିକୁ ବିରୋଧ କରୁଥିଲେ । ସେ ଗରିବ, ନିରକ୍ଷର ଓ ପୀଡିତଙ୍କୁ ସାହାଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ତାଙ୍କର ବିଶ୍ୱାସ ଯେ କୌଣସି ଧର୍ମ ବା ଆଇନ୍ ମଣିଷର ସେବାଠାରୁ ଊର୍ଦ୍ଧ୍ୱରେ ନୁହେଁ । ସେ ତାଙ୍କର ଧର୍ମକୁ ସାଧନାରତ ବା କର୍ମରତ ବେଦାନ୍ତ (Practical Vedanta) ବୋଲି କହିଥିଲେ କାରଣ ଧର୍ମ କେବଳ କର୍ମରତ ବା ବ୍ୟାବହାରିକ ଅଟେ । ବିବେକାନନ୍ଦଙ୍କ ମିଶନ ଭାରତୀୟ ଧର୍ମକୁ ନେଇ ଗୋଟିଏ "ୟୁରୋପୀୟ ସମାଜ" (European society) ସୃଷ୍ଟି ପାଇଁ ପ୍ରସ୍ତାବ ଦେଇଥିଲା ଯେଉଁ ସମାଜରେ ସମସ୍ତଙ୍କର ସମସ୍ତ ପ୍ରକାର ଇଚ୍ଛା ପରିପୂରଣ ହୋଇପାରିବ । ଅନ୍ୟ ଅର୍ଥରେ ବିଚାର କଲେ ସ୍ୱାମୀ ବିବେକାନନ୍ଦ ତାଙ୍କ ଚିନ୍ତାଧାରାକୁ ଉଭୟ ଆଧ୍ୟାତ୍ମିକ ଏବଂ ବସ୍ତୁବାଚକ ଦିଗକୁ ନେଇ ବିଚାର କରିଥିଲେ ।

## ପାଠଗତ ପ୍ରଶ୍ନ ୨୩.୬

ଠିକ୍ ଥିଲେ ✓ ଚିହ୍ନ ଓ ଭୁଲ ଥିଲେ X ଚିହ୍ନ ଦେଇ ଉତ୍ତର ଲେଖ ।

(୧) ସ୍ୱାମୀ ବିବେକାନନ୍ଦଙ୍କ ନିଜ ପ୍ରକୃତ ନାମ ଥିଲା ନରେନ୍ଦ୍ରନାଥ ଦତ୍ତ ।

(୨) ସ୍ୱାମୀ ବିବେକାନନ୍ଦ ଜନ୍ମରେ ଜଣେ ବ୍ରାହ୍ମଣ ଥିଲେ ।


(୩) ସ୍ୱାମୀ ବିବେକାନନ୍ଦ ପ୍ରମାଣ ନଥିବା କୌଣସି ଭାବନା ବା ମତକୁ ଗ୍ରହଣ କରୁନଥିଲେ ।

(୪) ରାମକୃଷ୍ଣ ପରମହଂସ ପୁରୁଷୋଚିତ ହିନ୍ଦୁଧର୍ମ ଉପରେ ମତ ଦେଇଥିଲେ ।

(୫) କେଶବ ଚନ୍ଦ୍ର ସେନ୍ ଧର୍ମତତ୍ତ୍ୱ ସମାଜ (Theosophical Society) ପ୍ରତିଷ୍ଠା କରିଥିଲେ ।

## ତୁମେ କ'ଣ ଶିକ୍ଷା କଲ

- ଭାରତର ବିଭିନ୍ନ ସାମାଜିକ ଭାବନାର ବିକାଶ
- ସିନ୍ଧୁ ଉପତ୍ୟକା ସଭ୍ୟତାଠୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ବିଭିନ୍ନ ଚିନ୍ତାଧାରା ଓ ଭାବନା ଉପରେ ବିବରଣୀ ।
- ମହାମନିଷୀମାନେ ଯଥା- ମନୁ, ଚାଣକ୍ୟ, ବୁଦ୍ଧ, କବୀର, ବିବେକାନନ୍ଦଙ୍କର ଭାରତୀୟ ସାମାଜିକ ଚେତନା ପ୍ରତି ଅବଦାନ ।
- ଉପନିଷଦ ହେଉଛି ଗବେଷକମାନଙ୍କର ବିଭିନ୍ନ ସମୟର କାର୍ଯ୍ୟାବଳୀର ସମଷ୍ଟି ।
- ପ୍ରାରମ୍ଭରେ ଉପନିଷଦ ଭକ୍ତିର ସହ ଏକକ ଭଗବାନଙ୍କ ଉପରେ ବିଶ୍ୱାସକୁ ଜୋର୍ ଦେଇଥିଲା ।
- ଖ୍ରୀଷ୍ଟପୂର୍ବ ୪୦୦ ଏବଂ ୨୦୦ ମଧ୍ୟରେ ଛଅ ପ୍ରକାର ଦର୍ଶନ ବ୍ୟବସ୍ଥା ଦେଖିବାକୁ ମିଳିଥିଲା ଯଥା- ନ୍ୟାୟ, ବଇସେସିକା, ସମୀକ୍ଷାର ଯୋଗ, ପୂର୍ବ- ମିମାଂସା ଏବଂ ବେଦାନ୍ତ ।
- ଐତିହାସିକଙ୍କ ମତରେ ଚତୁର୍ଥ ଶତାବ୍ଦୀଟି ଭାରତ ପାଇଁ ଏକ ବିଶେଷ ସମୟ ଥିଲା । ସେହି ସମୟରୁ ବ୍ରାହ୍ମଣଧର୍ମ (ହିନ୍ଦୁ ଧର୍ମ) ଧୀରେ ଧୀରେ ପ୍ରାଧାନ୍ୟ ଲାଭ କରିଥିଲା । କିନ୍ତୁ ଉଭୟ ବୌଦ୍ଧଧର୍ମ ଓ ଜୈନଧର୍ମର ପ୍ରାଧାନ୍ୟ ହ୍ରାସ ହୋଇଥିଲା ।
- ଦ୍ୱିତୀୟ ଶତାବ୍ଦୀ ବେଳକୁ ଖ୍ରୀଷ୍ଟିୟାନ ସମୁଦାୟଗୁଡିକ ଭାରତରେ ପ୍ରବେଶ କରିଥିଲେ ।
- ଜେରୋଷ୍ଟ୍ରେରିଏନ୍ ବା ପାର୍ସି ଲୋକମାନେ ଦଶମ ଶତାବ୍ଦୀରୁ ଭାରତରେ ବସବାସ କରିବା ଆରମ୍ଭ କଲେ ।
- ଶିଖଧର୍ମର ପ୍ରତିଷ୍ଠାତା ଗୁରୁନାନକ (୧୪୬୯-୧୫୩୯) ମଧ୍ୟ ଏକେଶ୍ୱରବାଦ ଉପରେ ବିଶ୍ୱାସ କରୁଥିଲେ ।
- ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରାହ୍ମସମାଜ, ଆର୍ଯ୍ୟ ସମାଜ ଏବଂ ଧର୍ମତତ୍ତ୍ୱ ସମାଜ ପ୍ରତିଷ୍ଠା ଲାଭ କରିଥିଲା । ରାମକୃଷ୍ଣ ପରମହଂସ ହିନ୍ଦୁଧର୍ମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ ।



- ମନୁଙ୍କ ନୀତିବାଣୀଗୁଡିକ ମନୁସ୍ମୃତି, ମାନବ ଧର୍ମଶାସ୍ତ୍ର ଏବଂ ମନୁ-ସଂହିତା ନାମରେ ପରିଚିତ ।
- ବୁଦ୍ଧ ଶବ୍ଦର ଅର୍ଥ ହେଲା ଆଲୋକପ୍ରାପ୍ତି ଅଥବା ଜ୍ଞାନପ୍ରାପ୍ତି ଅର୍ଥାତ ଯେ ଜୀବନରେ ଜ୍ଞାନ ଆହରଣ କରିଥାଏ ।
- କୌଟିଲ୍ୟଙ୍କ ଲିଖିତ ଅର୍ଥଶାସ୍ତ୍ର ଯାହାକୁ ରାଜନୀତିର ଜ୍ଞାନକୋଷ କୁହାଯାଏ ତାହା ଏକ ପୁରାତନ ସୁବ୍ୟବସ୍ଥା ପୂର୍ଣ୍ଣଗ୍ରନ୍ଥ । କୌଟିଲ୍ୟଙ୍କୁ ଚାଣକ୍ୟ ଏବଂ ବିଷ୍ଣୁଗୁପ୍ତ ମଧ୍ୟ କୁହାଯାଏ ।
- କବୀର ପଞ୍ଚଦଶ ଶତାବ୍ଦୀର ଜଣେ ସନ୍ଥ ଥିଲେ । ଉଭୟ ହିନ୍ଦୁ ଓ ମୁସଲମାନମାନେ ତାଙ୍କୁ ସମ୍ମାନ ଦେଖାଉଥିଲେ ।
- ନରେନ୍ଦ୍ରନାଥ ଦତ୍ତଙ୍କ ଧାର୍ମିକ ନାମ ହେଲା ସ୍ୱାମୀ ବିବେକାନନ୍ଦ ଯେ କି ୧୮୬୩ ମସିହା ଜାନୁଆରୀ ୧୨ ତାରିଖ ଦିନ ବଙ୍ଗଳାର ଏକ କାୟସ୍ଥ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ।
- ନରେନ୍ଦ୍ରନାଥ ବ୍ରାହ୍ମ ସମାଜର ସାମାଜିକ ସଂସ୍କାର କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ କିନ୍ତୁ ସେମାନଙ୍କ ତପସ୍ୱୀ ଜୀବନର ବାରଣ ବକ୍ତବ୍ୟକୁ ଗ୍ରହଣ କରିନଥିଲେ ।
- ସ୍ୱାମୀ ବିବେକାନନ୍ଦଙ୍କ ମିଶନ ଭାରତର ଧର୍ମକୁ ନେଇ ଗୋଟିଏ ଇଉରୋପିୟ ସମାଜ (European Society) ସୃଷ୍ଟି କରିଥିଲେ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ (Terminal Questions)

୧. ବୌଦ୍ଧଧର୍ମର ପ୍ରତିଷ୍ଠାତା କିଏ ? ବୌଦ୍ଧ ଧର୍ମରେ ଥିବା ଚାରେଟି ମହତ ସତ୍ୟକୁ ଆଲୋଚନା କର ।

୨. କେଉଁ ଧର୍ମଗୁଡିକ ଆମ ଦେଶର ବାହାରୁ ଭାରତକୁ ଆସିଥିଲେ ? ସେଗୁଡିକୁ ନିଜ ଭାଷାରେ ଲେଖ ।

୩. ମନୁ-ସ୍ମୃତି କେଉଁ ବିଚାରଧାରାକୁ ନେଇ ଗଠିତ, ଆଲେଚନା କର ।

୪. କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ସମ୍ବନ୍ଧରେ ନିଜ ଭାଷାରେ ଲେଖ ।

୫. କବୀର କାହିଁକି ନୀଚଜାତିର ଲୋକଙ୍କର ଜଣେ ଆଦର୍ଶ ହୋଇ ପାରିଲେ ?